ଧରିତ୍ରୀ
DHARITRI

# ଅଟଳ ଫାକଲ୍ଟି ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଜଟଣୀ,୨୬।୭(ଡି.ଏନ୍.ଏ.): ଆଇଆଇଟି, ଭୁବନେଶ୍ୱର ପକ୍ଷରୁ ସୋମବାର ଭର୍ଚୁଆଲ ମାଧ୍ୟମରେ ଅଟଳ ଫାକଲ୍ଟି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଏଆଇସିଟିଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦେଶର ୨୦୦ ଫାକଲ୍ଟି ଯୋଗଦେବେ। ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯଶବିନ୍ଦର ଏସ. ଆହୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅନିଲ ସାସରାବୁଧେ, ଡ. ମମତାରାଣୀ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସମୟରେ ଏଆଇସିଟିଇ ଦ୍ୱାରା ପଞ୍ଜୀକୃତ ଫାକଲ୍ଟିମାନଙ୍କ ମଧ୍ୟରେ କୌଶଳ ବିକାଶ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର, ପ୍ରଫେସର ସ୍ୱରୂପ ମହାପାତ୍ର, ଡ.ପୁଣ୍ୟଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଜଣାପଡ଼ିଛି।